ଧରିତ୍ରୀ
DHARITRI
ମଙ୍ଗଳବାର, ୩ ମେ, ୨୦୨୨



## ପୋଖରୀ ନିକଟରୁ ବୃଦ୍ଧଙ୍କ ମୃତଦେହ ଜବତ

ପାପଡାହାଣ୍ଡି,୨।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଦିଶାରାଗୁଡା ଗ୍ରାମ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ ହରିହର ନାୟକ। ମୃତକଙ୍କ ଭାଇ ତ୍ରିନାଥ ନାୟକ ପାପଡାହାଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହରିହର ରବିବାର ରାତି ୨ଟାରେ ଶୌଚ ହେବାକୁ ଯାଇଥିଲେ। କିନ୍ତୁ ରାତିରେ ଫେରି ନ ଥିଲେ। ସକାଳୁ ତାଙ୍କ ମୃତଦେହ ପୋଖରୀ ନିକଟରୁ ମିଳିଥିଲା ବୋଲି ମୃତକଙ୍କ ସ୍ତ୍ରୀ ପୋଲିସକୁ କହିଛନ୍ତି। ହରିହରଙ୍କ ମୃତ୍ୟୁ ଖବରପାଇ ସାନ ମସିଗାଁ ପଞ୍ଚାୟତ ମହୁଲପଦର ଗ୍ରାମରେ ରହୁଥିବା ତାଙ୍କ ଭାଇ ତ୍ରିନାଥ ପାପଡାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ୬୭/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ୪୮ ଅଭିଯୋଗ ଶୁଣିଲେ ଜିଲାପାଳ



ନବରଙ୍ଗପୁର,୨।୫(ବି.ପ୍ର.)- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ ଡ. କମଳଲୋଚନ ମିଶ୍ର ୪୮ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥିମଧ୍ୟରୁ ୪ଟି ଗୋଷ୍ଠି ଓ ଅନ୍ୟ ଅଭିଯୋଗଗୁଡ଼ିକ ବ୍ୟକ୍ତିଗତ ଥିଲା । ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତସ୍ଥିତ ସାଗରମୁଣ୍ଡା ପୋଖରୀ ପୁନରୁଦ୍ଧାର କରିବା ନିମନ୍ତେ ଯୁବ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ସାଗରମୁଣ୍ଡା ପୋଖରୀ ପୁନରୁଦ୍ଧାର ହେଲେ ସ୍ଥାନୀୟ ଜନସାଧାରଣ ଉପକୃତ ହେବା ସହ ସାଗରମୁଣ୍ଡାର ଜଳଧାରଣ କ୍ଷମତା ବଢ଼ିବ ବୋଲି କହିଛନ୍ତି। ଏଥିସହ ସ୍ଥାନୀୟ ଚାଷୀମାନେ ଉପକୃତ ହେବେ ବୋଲି ଆଇନଜୀବୀ ମତ ରଖିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟ କୃଷ୍ଣ ବେହେରା, ସିଡିଏମ୍‌ଓ ଡ଼ଃ କାଳି ପ୍ରସାଦ ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରାଜ୍ୟର ଶ୍ରେଷ୍ଠ ଏମ୍‌ବିବିଏସ୍ ପ୍ରାଣୀ ଚିକିତ୍ସକଙ୍କୁ ସମ୍ବର୍ଦ୍ଧନା



ପାପଡାହାଣ୍ଡି,୨।୫(ଡି.ଏନ୍.ଏ.)- ରାଜ୍ୟର ଶ୍ରେଷ୍ଠ ଏମବିବିଏସ୍ ପ୍ରାଣୀ ଚିକିତ୍ସକଭାବେ ଡ଼ ଚିନ୍ମୟ ମାଝିଙ୍କୁ ସୋମବାର ପାପଡାହାଣ୍ଡି ବ୍ଲକ ମଇଦଳପୁର ପଞ୍ଚାୟତ ତୁରୁଞ୍ଜିଆଗୁଡାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଶ୍ୱ ପ୍ରାଣୀ ଦିବସ ଅବସରରେ ଗତ ୩୦ତାରିଖରେ ଭୁବନେଶ୍ୱରରେ ଚିନ୍ମୟଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଏହାପରେ ସେ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ। ବର୍ତ୍ତମାନ ସେ ପାପଡାହାଣ୍ଡିରେ କାର୍ଯ୍ୟରତ ଅଛନ୍ତି। ପ୍ରକାଶ ଯେ ଡାକ୍ତର ଚିନ୍ମୟ ସୁଦର୍ଶନ ମାଝିଙ୍କ ପୁଅ ତଥା ନବରଙ୍ଗପୁରର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝିଙ୍କ ପୁତୁରା ଅଟନ୍ତି।

### ମୋହରା ସରପଞ୍ଚଙ୍କ ଇଫ୍‌ତାର୍ ପାର୍ଟି



ଚନ୍ଦାହାଣ୍ଡି, ୨।୫(ଡି.ଏନ୍.ଏ.)- ରମ୍‌ଜାନ ମାସର ଶେଷ ଦିନରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମହୋରା ସରପଞ୍ଚ ଜଳନ୍ଧର ମାଝି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଇଫ୍‌ତାର ପାର୍ଟି ଦେଇଛନ୍ତି। ଏହି ଅବସରରେ ସ୍ଥାନୀୟ ମୋହରା ମସଜିଦ୍ କମିଟି ପକ୍ଷରୁ ମଧ୍ୟ ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋହରା ମୁସଲିମ କମିଟି ସଭାପତି ମହମ୍ମଦ ୟୁନୁସ୍,ଉପସଭାପତି ମହମ୍ମଦ ରଫିକ, ମହମ୍ମଦ ସକିଲ, ମହମ୍ମଦ ରିଜୱାନ, ସହିଦ ଅଲ୍ଲୀ, ମୁରାଦ ଅଲ୍ଲୀ, ଜବାର ଅଲ୍ଲୀ, ହମିଦ ଅଲ୍ଲୀ, ସହାଦତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଦୀର୍ଘ ଏକ ମାସ ଧରି ମୁସଲମାନ ଧର୍ମାବଲମ୍ବୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ନିର୍ଜଳ ଉପବାସ କରନ୍ତି। ଏହାକୁ ରୋଜା କୁହାଯାଏ। ସନ୍ଧ୍ୟାରେ ରୋଜା ଭାଙ୍ଗିବାକୁ ଇଫ୍‌ତାରର ଆୟୋଜନ କରାହୁଏ।

### କଲ୍‌ଭର୍ଟରେ ବାଇକ୍ ପିଟି ଯୁବକ ମୃତ

ଡାବୁଗାଁ, ୨।୫ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ସୋମବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ଡାବୁଗାଁ ଥାନା ଅଧୀନ ବିଜାପୁର ଡଙ୍ଗରିଗୁଡା ଗ୍ରାମର ଟିଙ୍କୁ ଖାନ୍‌ଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ଟିଙ୍କୁ ତାଙ୍କ ସାଙ୍ଗ ଜେଭୁ ଖାନ୍‌ଙ୍କ ସହ ଏକ ବାଇକ୍ (ଏପି-୩୫ଏଲ୍-୯୫୫୨)ରେ ଅପରାହ୍ନ ୫ଟାରେ ଉମରକୋଟରୁ ଡାବୁଗାଁ ଅଭିମୁଖେ ଆସୁଥିଲେ। ଡାବୁଗାଁ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ହମ୍ପରେ ବ୍ରେକ୍ ମାରିବାବେଳେ ଗାଡି ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପଟରେ ଥିବା ଏକ କଲଭର୍ଟରେ ପିଟି ହୋଇ ଯାଇଥିଲା। ଟିଙ୍କୁ ଓ ଜେଭୁ ଗାଡିରୁ ପଡି ଗୁରୁତର ହୋଇଥିଲେ। ଖବରପାଇ ଡାବୁଗାଁ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ ସେଠାରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଟିଙ୍କୁଙ୍କୁ ମୃତ ଘୋଷଣା କରିଥିଲେ।

# ଥଇଥାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

**୯ ରେ ରେଲ୍‌ୱେ ଜାଗାରୁ ଜବରଦଖଲ ଉଚ୍ଛେଦ**

ରାୟଗଡ଼ା ଅଫିସ,୨।୫-

ରାୟଗଡ଼ା ସହରଠାରେ ରେଲ୍‌ୱେ ଜମି ଜବରଦଖଲ କରି ରହିଥିବା କୋଇଲାପଡ଼ା ବସ୍ତିବାସିନ୍ଦା ଏବେ ଚିନ୍ତାରେ ଅଛନ୍ତି। ରାୟଗଡ଼ା ଡିଭିଜନ୍ ପ୍ରତିଷ୍ଠା କାର୍ଯ୍ୟ ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଜାଗା ଛାଡ଼ିବା ନିମନ୍ତେ ୨୧ ଦିନ ସମୟ ଦିଆଯାଇଛି। ମେ ୯ରେ ସମୟସୀମା ଶେଷ ହେବ। ଏହାପରେ ସମ୍ପୂର୍ଣ୍ଣ ବସ୍ତି ଉଚ୍ଛେଦ କରାଯିବ। ଏଥିପୂର୍ବରୁ କୋଇଲାପଡ଼ା ବସ୍ତି ବାସିନ୍ଦା ସୋମବାର ଥଇଥାନ ଦାବି ନେଇ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଜିଲାପାଳ ବସ୍ତି ବାସିନ୍ଦାଙ୍କ ଅଭିଯୋଗ ଶୁଣିବା ପରେ ସରକାରୀ ଜମି ଜବରଦଖଲ କରି ରହିବା ଆଇନ ସଙ୍ଗତ ନୁହେଁ ବୋଲି ବୁଝାଇଥିଲେ। ରାୟଗଡ଼ା ପୌରାଞ୍ଚଳରେ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ଜାଗା ନାହିଁ। ତେଣୁ ସହର ଠାରୁ ପ୍ରାୟ ୮ କି.ମି. ଦୂର ପିତାମହଲ ତଥା ହାଲୁଆ ପଞ୍ଚାୟତରେ ପାହାଡ଼ିଆ ଅଞ୍ଚଳରେ ଜମି ଚିହ୍ନଟ କରାଯାଇ ବାସ ହରାଇବାକୁ ଥିବା ଏହି ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବାକୁ ତହସିଲଦାର ତାପସ କୁମାର ରାଉତଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବସ୍ତି ବାସିନ୍ଦାମାନେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କୁ ମଧ୍ୟ ସାକ୍ଷାତ କରି ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ରେଲ୍‌ୱେ ନୋଟିସ୍ ଅନୁଯାୟୀ, ମେ ୯ ରେ ପୁରୁଣା ଲୋକ କଲୋନିରେ ରହୁଥିବା ୩୦ ପରିବର ଏବଂ ରନିଂ ରୁମ୍ ପଛପଟେ ରହୁଥିବା ୧୨୯ ପରିବାର ଏଭଳି ମୋଟ ୧୬୮ ପରିବାରକୁ ରେଲ୍‌ୱେ ଜାଗାରୁ ଉଚ୍ଛେଦ କରାଯିବ।

## ଗୁଡ଼ାରିରୁ ଭୁବନେଶ୍ୱର ଯାତ୍ରା ନିମନ୍ତେ ଲିଙ୍କ୍ ବସ୍ ସେବା ଆରମ୍ଭ

ଗୁଡାରି,୨।୫(ଡି.ଏନ୍.ଏ.)



ଜିଲାପାଳ ସବୁଜ ପତାକା ଦେଖାଇ ଲିଙ୍କ୍ ବସ୍ ସେବା ଆରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲା ଗୁଡାରି ଏନ୍‌ଏସିରୁ ଭୁବନେଶ୍ୱରକୁ ଯାତାୟାତ ନିମନ୍ତେ ସରକାରୀ ବସ୍ ସୁବିଧା ନାହିଁ। କେବଳ ବେସରକରୀ ବସ୍ ଚଳାଚଳ କରୁଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି, ଦସ୍ତଖତ ଅଭିଯାନ ଏବଂ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)ର ଏକ ଲିଙ୍କ୍ ବସ୍ ସେବା ରବିବାର ଆରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ମିଶ୍ର ସ୍ଥାନୀୟ ନୂତନ ବସ୍‌ଷ୍ଟାଣ୍ଡଠାରେ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ବସ୍ ଗୁଡ଼ାରିରୁ ଯାତ୍ରୀଙ୍କୁ ନେଇ ଗୁମୁଡ଼ାଠାରେ ଛାଡ଼ିବ। ସେଠାରୁ ଯାତ୍ରୀ ଅନ୍ୟ ବସ୍‌ରେ ଭୁବନେଶ୍ୱର ଯାଇପାରିବେ। ଏହି ବସ୍ ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଗୁଡ଼ାରିରୁ ବାହାରି ଗୁମୁଡ଼ାରେ ଯାତ୍ରୀଙ୍କୁ ଛାଡ଼ି ଫେରିବ। ପରଦିନ ଭୋର୍ ସାଢ଼େ ୩ଟାରେ ପୁଣି ଗୁଡ଼ାରିରୁ ଗୁମୁଡ଼ା ଯାଇ ଭୁବନେଶ୍ୱର ଏବଂ ଅନ୍ୟ ସ୍ଥାନରୁ ଫେରିଥିବା ଯାତ୍ରୀଙ୍କୁ ନେଇ ଗୁଡ଼ାରି ଆସିବ। ଏଥିସହ ଶୀଘ୍ର ଗୁଡ଼ାରିରୁ ଭୁବନେଶ୍ୱରକୁ ଓଏସ୍‌ଆର୍‌ଟିସି ବସ୍ ସେବା ଆରମ୍ଭ ହେବ। ରାୟଗଡ଼ାରୁ କଟକ ଯାଉଥିବା ସରକାରୀ ବସ୍ ଗୁଡ଼ାରି ଦେଇ ଯିବ ଏବଂ ଗୁଣପୁରରୁ ଭୁବନେଶ୍ୱର ଯାଉଥିବା ବସ୍ ଗୁଡ଼ାରିରୁ ଚଳାଚଳ କରିବ ବୋଲି ଜିଲାପାଳ କହିଛନ୍ତି। ଏହା ବ୍ୟତୀତ ଗୁଡ଼ାରିରୁ ଏକ ବସ୍ ବିଶାଖାପାଟଣା ଚଳାଚଳ କରିବ ବୋଲି ଜଣାପଡ଼ିଛି। ଲିଙ୍କ୍ ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଏସ୍‌ଆର୍‌ଟିସି ବ୍ରହ୍ମପୁରର ଡିଏମ୍ ରବୀନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷା ଶର୍ମିତା ଶବର ଉପାଧ୍ୟକ୍ଷ ବାରଟି ଯୋଗେଶ୍ୱର ରାଓ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୋଭା ଭୂଷଣ ଶବର, ସନ୍ତୋଷ ମହାନ୍ତି ଏବଂ ସହରବାସୀ ଉପସ୍ଥିତ ଥିଲେ।

## ୫୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ପଦ୍ମପୁର,୨।୫(ଡି.ଏନ୍.ଏ.)-



ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ପାଟ୍ରୋଲିଂବେଳେ ମାଦ୍ଦିଗୁଡ଼ା ନିକଟରୁ ଏକ ମ୍ୟାକ୍ସ ପିକ୍‌ଅପରୁ ୧୦୮୯ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଗଜପତି ଜିଲା ଆର୍. ଉଦୟଗିରି ଥାନା ଅଞ୍ଚଳର ଆନନ୍ଦ ମାଝି(୫୫)। ଅନ୍ୟ ଦୁଇ ସମ୍ପୃକ୍ତ ଫେରାର ହେବାରେ ସଫଳ ହୋଇଛନ୍ତି।

ସୂଚନା ଅନୁଯାୟୀ, ଏକ ବୋଲେରୋ ପିକ୍‌ଅପ(ଓଡି ୦୭ ଏଚ୍ ୬୧୧୨)ରେ ଗଜପତି ଜିଲାରୁ ରାୟଗଡ଼ା ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ପଦ୍ମପୁର ଥନା ଅଧିକାରୀ ସୁଶାନ୍ତ କୁମାର ତାଡ଼ିଆ ଏବଂ ପୋଲିସ ଟିମ୍ ଚଢ଼ାଉ କରି ମାଦ୍ଦିଗୁଡ଼ା ନିକଟରେ ସନ୍ଦେହରେ ବୋଲେରୋକୁ ଅଟକାଇଥିଲା। ଏହି ସମୟରେ ଗଡ଼ିରେ ୩ ଜଣ ଥିବାବେଳେ ଗାଡ଼ିକୁ ଦ୍ରୁତଗତିରେ ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ପିଛା କରି ଗାଡ଼ିକୁ ଧରିବାରେ ସଫଳ ହୋଇଥିଲା। ତେବେ ୨ ଜଣ ଖସିଯାଇଥିବାବେଳେ ଜଣଙ୍କୁ ପୋଲିସ ଧରିଥିଲା। ଗାଡ଼ି ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

## ପାଣି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରାଉ

ଉମରକୋଟ, ୨।୫(ସ୍ୱ.ପ୍ର.)

ନିଜେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିପାରିଲାନି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ। କେନ୍ଦ୍ରମନ୍ତ୍ରୀଙ୍କୁ ଦେଇଥିବା ଡେଡ୍‌ଲାଇନ୍ ପରେ ମଧ୍ୟ ଉମରକୋଟ ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ମିଳିପାରିଲା ନାହିଁ। ଏହା ବିରୋଧରେ ସୋମବାର ଭାଜପା ପକ୍ଷରୁ ଉମରକୋଟସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

ଉମରକୋଟ ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୨୨ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଛି। ୨୦୧୭ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୨୦୧୯ରେ ଶେଷ ହେବା କଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଶୋଧନ ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ସହରବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। କିଛିଦିନ ପୂର୍ବେ ଉମରକୋଟ ଗସ୍ତରେ ଆସିଥିବା କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦାଲାଜେ ପ୍ଲାଣ୍ଟ କାର୍ଯ୍ୟକାରୀ ହେବାରେ ବିଳମ୍ବ ଦେଖି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ହରପ୍ରିୟା ପାତ୍ରଙ୍କ ଉପରେ ବିଗିଡ଼ିଥିଲେ। ଏପ୍ରିଲ ୩୦ ସୁଦ୍ଧା ଏହି ପ୍ଲାଣ୍ଟ କାର୍ଯ୍ୟକାରୀ ହୋଇ ୱାର୍ଡବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ମିଳିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତାହା କିନ୍ତୁ ପୂରା ହୋଇପାରିନି। ତେଣୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହ ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଯନ୍ତ୍ରୀଙ୍କୁ ଦାବି କରିଥିଲେ। ୧୦ ତାରିଖ ସୁଦ୍ଧା ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ବିଭିନ୍ନ ୱାର୍ଡରେ ୧୦ ସୁଦ୍ଧା ପାନୀୟ ଜଳ ଯୋଗାଇ ଦେବାକୁ ଯନ୍ତ୍ରୀ ପାତ୍ର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଭାଜପା ନଗର ସଭାପତି ସୁରେଶ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରମେଶ ସାହୁ ପ୍ରମୁଖ ସାମିଲ ଥିଲେ।



ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨।୫ (ନି.ପ୍ର.)

ଏକ ମାମଲାରେ ଅନ୍ତା ଗ୍ରାମର ସୁନାଧର ହରିଜନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଭାଲୁଗୁଡାସ୍ଥିତ ଫାର୍ମହାଉସରୁ ମାଛ ଚୋରି ସହ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଫାର୍ମ ହାଉସ ମାଲିକ ନିମେଇଁ ଚରଣ ଦାସ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏହାର ତଦନ୍ତ କରି ସୁନାଧରଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ୩୯ କୋଟିର ପ୍ରକଳ୍ପକୁ ଅନୁମୋଦନ

**ଜୟପୁର ପୌର ପରିଷଦ ପ୍ରଥମ ବୈଠକ**

ଜୟପୁର, ୨।୫ (ନି.ପ୍ର.)

ଜୟପୁର ପୌରପରିଷଦ ସଭା ଗୃହରେ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଜୟପୁରର ବିକାଶ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଲୋଚନା କ୍ରମେ ବୈଠକରେ ୩୯ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଜୟପୁର ସହରରେ ଶୌଚାଳୟ ନିର୍ମାଣ ହୋଇ ପଡିରହିଛି । ତାହାକୁ ଏଯାଏ କାର୍ଯ୍ୟକ୍ଷମ କରାଯାଇନାହିଁ । ୮ ଦିନ ଭିତରେ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସହରର ଟିକିଟି ନାଳର ଓସାର ଓ କଭରିଂ କରିବା, ଜଗନ୍ନାଥ ସାଗରର ସମ୍ପୂର୍ଣ୍ଣ ସଫେଇ, ସାଗରରେ ପଶୁଥିବା ସହରର ଅଳିଆ, ଆବର୍ଜନା ପାଣିକୁ ରୋକିବା, ଜବରଦଖଲରେ ଥିବା ସରକାରୀ ଜାଗାରୁ ତହାକୁ ଉଚ୍ଛେଦ ସେଠାରେ ପାର୍କ କରିବା, ପୌର ପରିଷଦର ଷ୍କୁଲଗୁଡିକ ମରାମତି କରିବା, ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ବର୍ଷା ଦନ ପୂର୍ବରୁ ସମସ୍ତ ଡ୍ରେନ ମରାମତି, ବିଦ୍ୟୁତୀକରଣ, ପାନୀୟ ଜଳ ବ୍ୟବସ୍ଥା, ରାସ୍ତା, ଡ୍ରେନ ଓ ପାର୍କର ବିକାଶ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏପରି ମୋଟ ୩୯ କୋଟି ଟଙ୍କାର ପ୍ରକଳ୍ପର ବିକାଶ ନେଇ ପରିଷଦ ନିଷ୍ପତ୍ତି ନେଇଥିବା ଜଣାପଡିଛି। ବୈଠକରେ ପୌର କାଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଉପାଧ୍ୟକ୍ଷ ବି. ସୁନୀତାଙ୍କ ସହ ୨୮ଟି ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ।

## ମେରିଙ୍ଗରେ କୃଷକ ସମାବେଶ

ମୁନିଗୁଡ଼ା,୨।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ମେରିଙ୍ଗ ଠାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ପୁରନ୍ଦର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ସମାବେଶରେ ଆଗୁଲ ଓ କୁମୁଡ଼ାବାଲି ପଞ୍ଚାୟତର ଶତାଧିକ ଚାଷୀ ଏକତ୍ରିତ ହୋଇ ସ୍ଥାନୀୟ ଅଞ୍ଚଳର ଜଳସେଚନ ଓ ଫସଲ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ସମାବେଶକୁ ଚାଷୀନେତା ବୁଦ୍ଧିଆ ଗୌଡ଼ ସଂଯୋଜନା କରିଥିଲେ। ବଂଶଧାରା ନଦୀ ଓ ବେଙ୍ଗେଇ ନାଳ ସଂଯୋଗୀକରଣ କରି ଦୀର୍ଘସୂତ୍ରୀ ଯୋଜନାରେ ଜଳସେଚନା ବ୍ୟବସ୍ଥା କରାଗଲେ ଅଧିକାଂଶ ପଡ଼ିଆ ଜମି ଶସ୍ୟଶ୍ୟାମଳା ହୋଇପାରିବ ବୋଲି ବୁଦ୍ଧିଆ ଏଠାରେ ପ୍ରସ୍ତାବ ରଖିଥିଲେ। ଏଥିସହ ଫସଲ ସୁରକ୍ଷା ପାଇଁ ଅନ୍ୟତମ ବ୍ୟବସ୍ଥା ଭାବେ କାଞ୍ଜିଆ ହୁଡ଼ା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏହି ପ୍ରମୁଖ ଦାବିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମାବେଶରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚାଷୀନେତା ପଦ୍ମନାଭ ବେହେରା, ମୁଖ୍ୟବକ୍ତା ରୂପେ ପୂର୍ବତନ ଜିଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡରୁକା, ସମ୍ମାନିତ ଅତିଥି ରୂପେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମୀନକେତନ ଷଡ଼ଙ୍ଗୀ, ଜନନେତା ଚନ୍ଦ୍ରଶେଖର ବେହେରା, ଲୋକ ପ୍ରତିନିଧି ସୁବାସ ପ୍ରାସ୍କା, ଗୌଡ଼ ପିଡ଼ିକାକା, ସୁବ୍ରତ ପ୍ରଧାନ, ଗାୟତ୍ରୀ ଆମ୍ବାଡ଼, ଭାସ୍କର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ସର୍ବସମ୍ମତିକ୍ରମେ ଦୁଇ ପଞ୍ଚାୟତର ସଙ୍ଗଠନାତ୍ମକ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ବୁଦ୍ଧିଆ ଗୌଡ଼ ସଭାପତି, ମନୋଜ ପ୍ରଧାନ ଓ ମହେନ୍ଦ୍ର ପାଣ୍ଡା ନାଇଡୁ ଉପ-ସଭାପତି, ସୁବାସ ପ୍ରାସ୍କାଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା। ଉକ୍ତ ପଦାଧିକାରୀ ଓ ୧୫ ଉପଦେଷ୍ଟା ମଣ୍ଡଳୀଙ୍କ ନେତୃତ୍ୱରେ ପ୍ରଥମେ ସ୍ଥାନୀୟ ତହସିଲଦାର, ବିଡିଓ, ଜଳସେଚନ ବିଭାଗ ଏସ୍‌ଡିଓ ଏବଂ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଦାବି ଉପସ୍ଥାପନ କରାଯିବ। ଏଥିରେ ସୁଫଳ ନ ମିଳିଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କୁହାଯାଇଛି।

## ଉମ୍ବସରା ଡିଗ୍ରୀ କଲେଜକୁ ମିଳିବ ସ୍ଥାୟୀ ଏଫିଲେସନ

ଗୁଣପୁର,୨।୫(ଡି.ଏନ୍.ଏ.)

ଗୁଣପୁର ବ୍ଲକ ଉମ୍ବସରା ଡିଗ୍ରୀ କଲେଜକୁ ମିଳିବ ସ୍ଥାୟୀ ଏଫିଲସେନ। ଏ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ଥାନୀୟ ମହାବିଦ୍ୟାଳୟ ସ୍ତରୀୟ ଅନୁସନ୍ଧାନ କମିଟିରେ ଏକ ଟିମ୍ ସୋମବାର କଲେଜକୁ ଆସି ଅନୁଧ୍ୟାନ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାୟର ଡେପୁଟି ରେଜିଷ୍ଟ୍ରାର ଡ. ବାବୁଜି ସାମଲଙ୍କ ନେତୃତ୍ୱରେ ଟିମ୍ ସମସ୍ତ ଭିତ୍ତିଭୂମି ଓ ଆନୁଷାଙ୍ଗିକ ସ୍ଥିତି ଦେଖିଥିଲେ। ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ବଳଭଦ୍ର ତ୍ରିପାଠୀ, ଇତିହାସ ବିଭାଗର ସଦାନନ୍ଦ ନାୟକ ଥିଲେ। ମେ ଶେଷ ସୁଦ୍ଧା ସିଣ୍ଡିକେଟରେ ପ୍ରସ୍ତାବ ହୋଇ ବିଶ୍ୱବିଦ୍ୟାଳୟ ସହ ସ୍ଥାୟୀ ଏଫିଲେସନ ପ୍ରମାଣପତ୍ର ମିଳିବା ନେଇ ଆଶା ଥିବା କଲେଜର ଅଧ୍ୟକ୍ଷ କଷ୍ଟ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। କଲେଜ ପରିଚାଳନା ସମିତିର ସଭାପତି ବାସୁଦେବ ସାହୁକାର ମଧ୍ୟ ଉପସ୍ଥିତ ଥିଲେ।

## ଶ୍ରମ ଦିବସରେ ଶ୍ରମିକଙ୍କୁ ସହାୟତା

ନବରଙ୍ଗପୁର, ୨।୫(ବି.ପ୍ର.)



ଜଣେ ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ସହାୟତା ରାଶି ଦିଆଯାଉଛି।

ଶ୍ରମ ବିଭାଗ ପକ୍ଷରୁ ସାଇ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଶରତ ଭତରା, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ମଣ୍ଡଳ ଆୟୁକ୍ତ କୁବେର ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ବିଭିନ୍ନ ଶ୍ରମିକ ଆଇନ ଉପରେ ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ପାଇଁ ସରକାର କରିଥିବା ଯୋଜନା ଓ ସହାୟତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ୧୧ ଜଣ ଶ୍ରମିକଙ୍କୁ ପରିଚୟପତ୍ର , ୨ ଜଣ ମୃତ ଶ୍ରମିକ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା, କୋଠାବାଡ଼ି ଓ ଅନ୍ୟ କଲ୍ୟାଣ ବୋର୍ଡ ଦ୍ୱାରା ୩ ମୃତ ଶ୍ରମିକଙ୍କ ପରିବାରଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ୨ ଶ୍ରମିକଙ୍କ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ସହାୟତା, ୨ ନିର୍ମାଣ ଶ୍ରମିକଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସୂତିକାଳୀନ ସହାୟତା, ୨ ଶ୍ରମିକ ପିଲାଙ୍କ ପାଠପଢ଼ା ପାଇଁ ୭ ହଜାର ଓ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

# ଲୋକଙ୍କୁ ଅତିଷ୍ଠ କଲାଣି ଅଘୋଷିତ ବିଦ୍ୟୁତ୍‌କାଟ

ନବରଙ୍ଗପୁର, ୨।୫(ବି.ପ୍ର.)

ନବରଙ୍ଗପୁର ଜିଲାବାସୀଙ୍କୁ ଅଘୋଷିତ ବିଦ୍ୟୁତ୍‌କାଟ ଅତିଷ୍ଠ କଲାଣି। ଟାଟା ପାୱାର ବିଦ୍ୟୁତ୍ ସରବରାହ ଓ ମରାମତି ଦାୟିତ୍ୱ ନେବା ପରେ ଏହି ସମସ୍ୟା ବଢ଼ିଯାଇଛି। ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ଆମ ହାତରେ ବର୍ତ୍ତମାନ ଆଉ କିଛି ନାହିଁ ବୋଲି କହୁଥିବା ଲୋକେ ଅଭିଯୋଗ କରିଛନ୍ତି। ତାପମାତ୍ରା ୪୦ ଡିଗ୍ରୀ ପାର କରିଛି। ଏବେ ଦଶମ ଓ ଦ୍ୱାଦଶ ପରୀକ୍ଷା ଚାଲିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବିଦ୍ୟୁତ୍‌କାଟ ବହୁ ସମସ୍ୟା ଉପୁଯାଉଛି। ଘଣ୍ଟାଘଣ୍ଟା କରେଣ୍ଟ ନ ଥିବାରୁ ଲୋକେ ବିଶ୍ରାମ ମଧ୍ୟ ନେଇପାରୁନାହାନ୍ତି । ଅନ୍ୟପକ୍ଷେ ପାଣି ମୋଟର ଚାଲୁ ନ ଥିବାରୁ ଚାଷୀମାନେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲିଫ୍ଟ ପଏଣ୍ଟ ଓ ଗଭୀର ନଳକୂପ ଚଳେଇବା ପାଇଁ ଚାଷୀମାନେ ମୋଟର ଖଞ୍ଜିଥିଲେ ମଧ୍ୟ ପାୱାର କଟ୍ ଯୋଗୁ ଚାଷଜମିକୁ ପାଣି ମଡେଇ ପାରୁନାହାନ୍ତି। ଏହିଭଳି ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ଟାଙ୍କିକୁ ପାଣି ଉଠିପାରୁନାହିଁ। ଲୋକେ ଆବଶ୍ୟକ ପରିମାଣର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା ଭାଜପା

ନବରଙ୍ଗପୁର,୨।୫(ବି.ପ୍ର.)



ଇଲେକ୍ଟ୍ରି ଅଫିସ ଆଗରେ ଧାରଣାରେ ବସିଥିବା ଭାଜପା ନେତାମାନେ ।

ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ଭାଜପା ଇଲେକ୍ଟ୍ରି ଅଫିସ୍ ଘେରାଉ କରିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝିଙ୍କ ନେତୃତ୍ୱରେ କାଉନ୍‌ସିଲର ଏବଂ ରାଜ୍ୟ ଯୁବ ମୋର୍ଚ୍ଚା ସଦସ୍ୟ ମାନସ ରଞ୍ଜନ ଦାସ ମିଳିତ ଭାବେ ଘେରାଉରେ ସାମିଲ ଥିଲେ। ଘେରାଉ ବେଳେ ଅଫିସରେ ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ ଓ ଜେଇମାନେ ଅନୁପସ୍ଥିତ ଥିବା ଦେଖି ଭାଜପା ନେତାମାନେ ଧାରଣାରେ ବସିଥିଲେ। ଜେଇ କାର୍ଯ୍ୟାଳୟକୁ ଆସି ଆଲୋଚନା ନ କରି ଫେରିଯାଇଥିଲେ। ଦୀର୍ଘ ସମୟ ଧରି କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିବାରୁ ଅସନ୍ତୋଷ ବଢ଼ିଥିଲା। ଏହାପରେ ସାଧାରଣ ଲୋକେ ମଧ୍ୟ ଭାଜପା ସହ ଧାରଣା ଦେଇଥିଲେ। ଜେଇ ପି. କେ. ସିଂ ଓ ଏସ୍‌ଡିଓ ଏସ୍.କେ. ଖଟେଇ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ୍ ଯୋଗୁ ହେଉଥିବା ସମସ୍ୟା ଉପରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ଦାବି ପୂରଣ ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୁନର୍ବାର ଅଘୋଷିତ ବିଦ୍ୟୁତ୍‌କାଟ ହେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଏହି ଆଲୋଚନା ସମୟରେ କାଉନ୍‌ସିଲର ଏ . ସତିଶ, ଶର୍ମିଷ୍ଠା ଦେଓ, ଅମିତ ପ୍ରଧାନ, ମମତା ମହାରଣା, ଶମେସ ଖୋରା, ପୁନମ ସାହୁଙ୍କ ସମେତ ଜିଲା ଉପସଭାପତି ସତ୍ୟବାଦୀ ଷଡ଼ଙ୍ଗୀ, ନଗର ସଭାପତି ଅମୂଲ୍ୟ ମିଶ୍ର, ଦେବଦାସ ମହାକୁଡ, ବାବୁଲା ପଟ୍ଟନାୟକ, ଟିବୁ ବାବୁ, ମଧୁ ଗାଦବା, ଭିକି ଜେନା, ଶୁଭମ୍ ଚୌଧୁରୀ, ବିନୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମ ଆଇନ ବିଷୟରେ ଅବଗତ ହେଲେ ଶ୍ରମିକ



ବିଷମକଟକ,୨।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ଠାରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ଅରୁନ୍ଧତୀ ଆଚାର୍ଯ୍ୟ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ କୁମାର ସ୍ୱନ୍ଦନ, ଭାରପ୍ରାପ୍ତ ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରିଆ, ଆଇନଜୀବୀ ମନମୋହନ ପାତ୍ର, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପାଳ ଗନ୍ତାୟତ, ଶ୍ରମିକ ୟୁନିଅନର ସଭାପତି କାହ୍ନୁ ସାହୁ, ଉପସଭାପତି ବାଜାରାଓ, ସମ୍ପାଦକ ରାମଚନ୍ଦ୍ର ଚୌଧୁରୀ, ସହ ସମ୍ପାଦକ ନିରଞ୍ଜନ ହିଆଲ, କାର୍ଯ୍ୟ ନିର୍ବାହୀ ସଦସ୍ୟ ରାମଚନ୍ଦ୍ର ପାଇକରାୟ ଏବଂ ୟୁନିଅନର ୬୫ରୁ ଉର୍ଦ୍ଧ୍ୱଶ୍ରମିକ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ଏବଂ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଯୋଗଦେଇ ଶ୍ରମିକମାନଙ୍କୁ ଶ୍ରମ ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଥାନା ଅଧିକାରୀ ଏବଂ ଆଇନଜୀବୀ ମନମୋହନ ପାତ୍ର ଶ୍ରମିକମାନେ ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରାଇବା ସହ ବାହାର ରାଜ୍ୟକୁ ଗଲେ କିଭଳି ସତର୍କତା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ଏବଂ ସରକାରଙ୍କ ଦ୍ୱାରା ଉପଲବ୍ଧ ମାଗଣା ଆଇନ ସେବା ବିଷୟରେ ଶ୍ରମିକ ମାନଙ୍କୁ ଜଣାଇଥିଲେ।

## ମିଲ୍ ନିକଟରୁ ନରକଙ୍କାଳ ଜବତ

ରାୟଗଡ଼ା ଅଫିସ,୨।୫

ରାୟଗଡ଼ା ସହରସ୍ଥିତ ୩୨୬ ନଂ. ଜାତୀୟ ରାଜପଥ ନିକଟ ଧାନ ମିଲ୍ ସମ୍ମୁଖ ବୁଦାରୁ ଶନିବାର ରାତିରେ ଏକ ନରକଙ୍କାଳ ଜବତ ହୋଇଛି। କଙ୍କାଳଟି ଜଣେ ପୁରୁଷଙ୍କର ବୋଲି ଜଣାପଡ଼ିଛି। ତେବେ ତାଙ୍କ ପରିଚୟ ଏବଂ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ସୂଚନା ଅନୁଯାୟୀ, ୨ ଦିନ ତଳେ ମଣିଷ ଖପୁରିକୁ ଆଣି କୁକୁର ମିଲ୍ ସାମ୍ନାରେ ପକାଇଥିଲା। ମିଲ୍ ମାଲିକ ଏ ନେଇ ଥାନାରେ ଅଭିଯୋଗ ନ କରି ଶ୍ରମିକମାନଙ୍କ ସହାୟତାରେ ଖପୁରିଟିକୁ ମିଲ୍ ପଛପଟେ ଫୋପାଡ଼ି ଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ରାୟଗଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ନର କଙ୍କାଳକୁ ବ୍ରହ୍ମପୁରସ୍ଥିତ ଫୋରେନ୍‌ସିକ୍ ଲାବ୍‌କୁ ପଠାଯାଇଛି। ରିପୋର୍ଟ ଆସିଲେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ମିଲ୍ ମାଲିକଙ୍କୁ ମଧ୍ୟ ପଚରାଉଚରା କରାଯାଉଥିବା ସେ କହିଛନ୍ତି।

## ବଜ୍ରପାତରେ ଜଣେ ମୃତ

ବୋରିଗୁମ୍ମା,୨।୫ (ଡି.ଏନ.ଏ.)-

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ରବିବାରରେ ପ୍ରବଳ ବର୍ଷା ପବନ ହୋଇଛି। ଏହି ସମୟରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନାରୀଗାଁ ଅଞ୍ଚାୟତ ଚରାମୂଳା ଗ୍ରାମର ଭଗୁ ଗୌଡ଼(୫୫)। ଭଗୁ ନିଜ ଜମିରେ କାର୍ଯ୍ୟ କରି ଘରକୁ ଫେରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁମୁଲି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବି.ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭଗୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ହତ୍ୟା ଉଦ୍ୟମ ମାମଲାରେ ଜଣଙ୍କୁ ୫ ବର୍ଷ ଜେଲ**

କୋରାପୁଟ,(ସ୍ୱ.ପ୍ର) କୋରାପୁଟ ଜିଲାର ସୁନାବେଡା ଥାନା ଅଧୀନରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ସୋମାବର କୋରାପୁଟ ସହକାରୀ ଦୌରାଜଜ୍‌ନିଶା ସାମଲ ଅଭିଯୁକ୍ତ ନରସିଂହ ଗୌଡଙ୍କୁ ୫ବର୍ଷ ସଶ୍ରମ ଜେଲଦଣ୍ଡ ସହ ଏକ ହଜାର ଟଙ୍କାର ଜରିମାନା ଶୁଣାଣି କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩୦ ଦିନ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଗତ ୨୦୧୭ ମାର୍ଚ୍ଚ ୨ରେ ଗୌଡଗୁଡା ଗ୍ରାମର ସୁମାରୁ ଗୌଡ ଶୋଇଥିବାବେଳେ ସେହି ଗ୍ରାମରେ ନରସିଂହ ପୂର୍ବ ଶତ୍ରୁତାରୁ ଏକ ଟାଙ୍ଗିଆରେ ସୁମାରୁଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ନେଇ ସୁମାରୁଙ୍କ ଭାଇ ସୁନାବେଡାରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ୪୮/୧୭ରେ ଏକ ମାମଲା ରୁଜୁକରାଯାଇ ଘଟଣାର ତଦନ୍ତ କରିଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କ ସମେତ ୪ ବଦଳିଲେ

**ହଷ୍ଟେଲ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାର ଘଟଣା**

- କଡା ଆଭିମୁଖ୍ୟ ଗ୍ରହଣ କଲା ଜିଲା ପ୍ରଶାସନ
- ମଶାରି ମାଗିବାରୁ ଗାଳିଗୁଲଜ କରିଥିଲେ
- ପାଚେରି ଡେଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଛାତ୍ରୀ

ନାରାୟଣପାଟଣା,୨।୫(ଡି.ଏନ. ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଉପକଣ୍ଠସ୍ଥ ଢେପାଗୁଡ଼ାସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲର ୨୦ ଜଣ ଛାତ୍ରୀ ଏପ୍ରିଲ ୪ ଭୋର ସମୟରେ ହଷ୍ଟେଲ ପାଚେରି ଡେଇଁ ଜିଲା ପ୍ରଶାସନ ନିକଟରେ ପହଞ୍ଚି ହଷ୍ଟେଲ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ଏସ.ଆନନ୍ଦ ରାଓ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ବୋଲି ଛାତ୍ରୀମାନେ କହିଥିଲେ। ଏହାକୁ ପ୍ରଶାସନ ଗୁରୁତର ସହ ନେଇ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଘଟଣାର ତଦନ୍ତ ପରେ ପ୍ରଧାନ ଶିକ୍ଷକଙ୍କ ସମେତ ୪ ଜଣଙ୍କୁ ବଦଳି କରାଯାଇଛି। ପ୍ରଧାନ ଶିକ୍ଷକ ରାଓଙ୍କୁ ବୋରିଗୁମ୍ମା ବ୍ଲକ ହର୍ଦ୍ଦଳି ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ତାଙ୍କ ସ୍ଥାନରେ ହର୍ଦ୍ଦଳି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ସଂସ୍କୃତ ଶିକ୍ଷକ ଆନନ୍ଦ ଚନ୍ଦ୍ର ବାରିକଙ୍କୁ ବାଲିପେଟା ଆଶ୍ରମ ସ୍କୁଲକୁ, ତାଙ୍କ ସ୍ତ୍ରୀ ରୀନା ରାଣୀ ଘୋଷଙ୍କୁ ବନ୍ଧୁଗାଁ ବ୍ଲକର କୁମ୍ଭାରିପୁଟ ଆଶ୍ରମ ସ୍କୁଲକୁ ବଦଳି ହୋଇଛି। ମାଟ୍ରନ ବି.ପଦ୍ମାବତୀଙ୍କୁ ଜୟପୁର ବ୍ଲକ କଙ୍ଗା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ବାଲିପେଟା ଆଶ୍ରମ ସ୍କୁଲର ସଂସ୍କୃତ ଶିକ୍ଷକଙ୍କୁ ଢେପାଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ଦଶମ ଶ୍ରେଣୀ ପରୀକ୍ଷା ଚାଲିଥିବା ବେଳେ ଏଭଳି ବଦଳିକୁ ନେଇ କେତେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଖବରରୁ ଜଣାପଡିଛି, ଢେପାଗୁଡ଼ାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ରହିଛି। ଏହି ବିଦ୍ୟାଳୟକୁ ଦୂରଦୂରାନ୍ତରୁ ଆଦିବାସୀ ଛାତ୍ରୀମାନେ ଆସି ହଷ୍ଟେଲରେ ରହି ପାଠ ପଢ଼ନ୍ତି। ହଷ୍ଟେଲରେ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ମିଳୁଥିବା ବେଳେ ମଶାରି ମିଳୁନାହିଁ। ଏହାର ପ୍ରତିବାଦ କଲେ ପ୍ରଧାନଶିକ୍ଷକ ରାଓ ଛାତ୍ରୀମାନଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରୁଛନ୍ତି। ଏପ୍ରିଲ ୩ ତାରିଖ ରାତିରେ ହଷ୍ଟେଲରେ ରହୁଥିବା ୯ମ ଶ୍ରେଣୀ ଛାତ୍ରୀମାନେ ପ୍ରଧାନ ଶିକ୍ଷକଙ୍କୁ ମଶାରି ମାଗିବାରୁ ରାଓ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦରେ ତା'ପରଦିନ ଭୋର ୫ଟାରେ ନବମ ଶ୍ରେଣୀର ପ୍ରାୟ ୨୦ଜଣ ଛାତ୍ରୀ ହଷ୍ଟେଲ ପାଚେରି ଡେଇଁ ୨କିମି ଚାଲି ଚାଲି ଆସି ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଖବର ପାଇ ବିଡିଓ ଯଦୁମଣି ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଡବ୍ଲ୍ୟୁଇଓ ଦେବେନ୍ଦ୍ର ସାମଲ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଡିଓ ନାୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଓ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ରାଓଙ୍କୁ ପଚାରିବାରୁ ସେ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଜଣେ ପିଲାକୁ ୪୦ଗ୍ରାମର ଡାଲି ଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି। କିନ୍ତୁ ବର୍ତ୍ତମାନ ବଜାରରେ ଡାଲି ଦର କିଲୋ ପ୍ରତି ୧୬୦ଟଙ୍କା ରହିଥିବାରୁ ସେହି ହିସାବରେ ଡାଲି କମାଯାଉଛି।

## ୩ ୱାର୍ଡ ସମସ୍ୟା ବୁଝିଲେ ପୌରାଧ୍ୟକ୍ଷ



ଜୟପୁର, ୨।୫ (ନି.ପ୍ର.)

ଜୟପୁର ସହରର ୨୬,୨୭ ଓ ୨୮ନମ୍ବର ୱାର୍ଡରେ ଥିବା ସାହିକୁ ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି । ସାହିର ପରିମଳ ବ୍ୟବସ୍ଥା ସମ୍ପର୍କରେ ସାହି ବାସିନ୍ଦାଙ୍କ ସହ ସେ ଆଲୋଚନା କରିଥିଲେ। ନାଳ ସଫେଇ ହେଉଛି କି ନାହିଁ, ପରିମଳ ବ୍ୟବସ୍ଥା, ପାଣି ସମସ୍ୟା ମଧ୍ୟ ପଚାରି ବୁଝିଥିଲେ। ତାଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର ଜସପାଲ ସିଂ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଭାଲୁ ମୁହଁରୁ ଜୀବନ ବଞ୍ଚାଇ ଫେରିଆସିଲେ ନାବାଳକ



କୁନ୍ଦୁରା,୨।୫ (ଡି.ଏନ୍.ଏ.)-ଭାଲୁ ମୁହଁରୁ ଜୀବନ ବଞ୍ଚାଇ ଫେରିଆସିଛନ୍ତି ଜଣେ ନାବାଳକ। ସେ ହେଲେ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ସମରଥଗୁଡ଼ା ଗ୍ରାମର ଜୟରାମ ପରଜାଙ୍କ ପୁଅ ବଳଦେବ। ସୋମବାର ସକାଳେ ସେ ଦୁଇ ସାଙ୍ଗ ଗୁଲୁଟୁ ଏବଂ ଘାସିରାମଙ୍କ ସହ ମିଶି ନିକଟସ୍ଥ ବଗିଚାକୁ ଆମ୍ବ ତୋଳିବାକୁ ଯାଇଥିଲେ। ଫେରିବା ସମୟରେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଦୌଡ଼ି ପଳାଉଥିବାବେଳେ ବଳଦେବ ତଳେ ପଡ଼ିଯାଇଥିଲେ। ଏହାପରେ ଭାଲୁ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲେ ମଧ ସେ କୌଶଳ କ୍ରମେ ସେଠାରୁ ଖସି ଆସିଥିଲେ। ପରିବାର ଲୋକେ ତାଙ୍କୁ କୁନ୍ଦୁରା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଛନ୍ତି। ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ନିମନ୍ତେ କୁନ୍ଦୁରା ଥାନରେ ଲିଖିତ ଅଭିଯୋଗ କରାଯାଇଛି।

### ସାପ କାମୁଡ଼ାରେ ନାବାଳିକା ମୃତ

ପଡିଆ, ୨।୫(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକ ବାପନପଲ୍ଲି ପଞ୍ଚାୟତ ଅନ୍ତର୍ଗତ ଏମପିଭି-୬୭ ଗ୍ରାମରେ ଜଣେ ନାବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗ୍ରାମର ରଞ୍ଜିତ ବିଶ୍ୱାସଙ୍କ ୮ବର୍ଷର ଝିଅ ରିଙ୍କି ଘର ପିଣ୍ଡାରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ନାଗ ସାପ ଆସି ରିଙ୍କିଙ୍କ ବାମ ଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ପଡିଆ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରିଙ୍କିଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପଡିଆ ଥାନାରେ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନକଲି ନମ୍ବର ପ୍ଲେଟ୍ ଲଗାଇ ଗଞ୍ଜେଇ ଚାଲାଣ

କାଲିମେଲା, ୨।୫(ଡି.ଏନ.ଏ.)-ଗଞ୍ଜେଇ ଚୋରା ଚାଲାଣ ବେଳେ ମାଲକାନଗିରି ଜିଲା କାଲିମେଲା ପୋଲିସ ଚୋରା ଚାଲାଣକାରୀଙ୍କୁ ଧରି ସେମାନଙ୍କଠାରୁ ୩ କୁଇଣ୍ଟାଲ ୨୩ କେଜି ଗଞ୍ଜେଇ ସହ ଗୋଟିଏ ବାଇକ୍ ଗୋଟିଏ ବୋଲେରୋ ଜବତ କରିଛି। ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଆନ୍ଧ୍ର ୱେଷ୍ଟ ଗୋଦାବରୀ ଜିଲାର ରୁଦ୍ରମ ସତୀଶ (୧୮) ଏବଂ ଅନ୍ୟଜଣେ ତେଲେଙ୍ଗାନାର ପି.ଭରତ (୨୧) ବୋଲି ଥାନା ଅଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ଚଢାଉରେ ଏସଆଇ ଦିନଚର୍ଯ୍ୟା ଶୁନାନି,ଏଏସଆଇ ହରି ଖରା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ବ୍ୟବହାର କରୁଥିବା ନମ୍ବର ପ୍ଲେଟ୍ ନକଲି ବୋଲି ଜଣାପଡିଛି।

### ମଦ ଜବତ, ୨ ଗିରଫ

ଜୟପୁର, ୨।୫ (ନି.ପ୍ର.)- ଦେଶୀ ମଦ ଚାଲାଣ କରୁଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିଖିଲ ବାଘ ଓ ପ୍ରକାଶ କୁଳଦୀପ। କଳାଗୁଡାରୁ ଏକ ବାଇକ ଯୋଗେ ମଦ ଧରି ସହରକୁ ଆସୁଥିବା ବେଳେ ନିଖିଲ ଓ ପ୍ରକାଶ ପୋଲିସ ହାବୁଡରେ ପଡିଥିଲେ।

# ୪ହଜାର ଆଦିବାସୀ ହେଲେ ଏକାଠି

ମାଲକାନଗିରି/ଚିତ୍ରକୋଣ୍ଡା, ୨।୫(ଡି.ଏନ.ଏ.):

ଶ୍ରମିକ ଦିବସ ଅବସରରେ ମାଲକାନଗିରି ଜିଲା ଆଦିବାସୀ ସଂଘ ଓ ବାଲିମେଲା ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନର ମିଳିତ ଉଦ୍ୟମରେ ଚିତ୍ରକୋଣ୍ଡାଠାରେ ୩୧ତମ ସାଧାରଣ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଲିଙ୍ଗରାଜ, ଓଡ଼ିଶା ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା, ଜିଲା ଆଦିବାସୀ ସଂଘ ଉପଦେଷ୍ଟା ବିଜୟ ଉପାଧ୍ୟାୟ, ଇନ୍ଦ୍ରାବତୀ ବନ୍ଧ ଯୋଜନାର ଶ୍ରମିକ ନେତା ଦେବେନ୍ଦ୍ର ଜଗନ୍ନାଥ ନାୟକ, ଜିଲା କୃଷକ ସଙ୍ଗଠନ ସଭାପତି ସନୁ ଅନୁଗୁ, ଦଳିତ ନେତା ଘେନୁ ମୁଦୁଲି, କୋରୁକୋଣ୍ଡା ଜୋନ-୨ ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ଜିଲା ଆଦିବାସୀ ସଂଘ ସମ୍ପାଦକ କମଳସାଇ ମାଝି ଅତିଥି ରୂପେ ଯୋଗ ଦେଇଥିଲେ। ୪ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଏକାଠି ହୋଇ ପ୍ରଥମେ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଏକ ୧୪ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ସାନ ଫାର୍ମଠାରେ ହୋଇଥିବା ଏହି ସଭାରେ ଜିଲା ଆଦିବାସୀ ସଂଘ ସଭାପତି ବାଲରାଜୁ ଗେମେଲ ଅଧ୍ୟକ୍ଷତା କରିଥିଲେ। ଆଦିବାସୀ ସଂଘ ସଭାପତି ବିଦେଶୀ ଗୌଡ଼ ପରିଚାଳନା କରିଥିଲେ।



ଏକାଠି ହୋଇଥିବା ଆଦିବାସୀ।

ଅନ୍ୟପକ୍ଷରେ ବାଲିମେଳା ପ୍ରୋଜେକ୍ଟ ୱାର୍କର୍ସ, ୱାର୍କଚାର୍ଜ କର୍ମଚାରୀଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବା, ସେମାନଙ୍କ ପରିବାରକୁ ଘରଭଡ଼ା, ବିଦ୍ୟୁତ ବିଲ୍, ପାଣି ବିଲ୍ ଛାଡ କରିବା, କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ଚାକିରି ଦେବା ଇତ୍ୟାଦି ଦାବି ନେଇ ମାଚିକୁଣ୍ଡ ଯୋଜନା ଚିତ୍ରକୋଣ୍ଡା କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମାଲକାନଗିରି ଜିଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଶ୍ରମିକ, କୃଷକ, ଦଳିତ, ମହିଳା ଓ ଆଦିବାସୀ ଏକତ୍ରିତ ହୋଇ ସରକାର ଏବଂ ପ୍ରଶାସନକୁ ସମାଲୋଚନା କରିଛନ୍ତି। ରାଜ୍ୟରେ ବେରୋଜଗାର ଏକ ଉତ୍କଟ ସମସ୍ୟାର ରୂପ ନେଲାଣି। ମାଲକାନଗିରି ଜିଲାରୁ ରୋଜଗାର ଅନ୍ୱେଷଣରେ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଯୁବତୀଯୁବକମାନେ କାମ କରିବାକୁ ଯାଇ ଶୋଷଣର ଶିକାର ହେଉଥିବା ମଧ୍ୟ ବକ୍ତାମାନେ ଅଭିଯୋଗ କରିଥିଲେ। ଆଦିବାସୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ରଖି ସମ୍ବିଧାନର ପଞ୍ଚମ ଅନୁସୂଚୀର କିପରି ଉଲ୍ଲଂଘନ କରାଯାଉଛି, ଜଳ ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ବେଦଖଲ କରି କମ୍ପାନୀ ବର୍ଗଙ୍କୁ ବିକ୍ରି କରିବାକୁ ଚକ୍ରାନ୍ତ ଜାରି ରହିଛି ସେ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ଓଡ଼ିଶା କାଶୀନଗର, କଳିଙ୍ଗନଗର, ରାଇଘର ଭଳି ବିଭିନ୍ନ ଗଣ ଆନ୍ଦୋଳନରେ ପ୍ରାଣ ହରାଇଥିବା ଅମର ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା।




**ଶ୍ରୀ ଜୟଦେବ ଜୟନ୍ତୀ**
**୩ ମଇ ୨୦୨୨ (ଅକ୍ଷୟ ତୃତୀୟା)**

DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223


# ଚାଉଳ ବାଣ୍ଟିଲେ, ସମସ୍ୟା ବୁଝିଲେ

**ଦୁର୍ଗମ ଅଞ୍ଚଳରେ ଜିଲା ପରିଷଦ ଅଧ୍ୟକ୍ଷା**

ମାଲକାନଗିରି,୨।୫(ଡି.ଏନ.ଏ.)

ଦୁର୍ଗମ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ପିଡ଼ିଏସ ଚାଉଳ ବାଣ୍ଟିଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗଲ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତର ଦୁର୍ଗମ ପାହାଡିଆ ଅଞ୍ଚଳ ବାୟାପଡା ଗ୍ରାମରେ ଅଧ୍ୟକ୍ଷା ନିଜ ଗାଡରେ ପଞ୍ଚାୟତରୁ ଚାଉଳ ନେଇ ଲୋକଙ୍କୁ ସେଠାରେ ବାଣ୍ଟିଥିଲେ। ବାୟାପଡା ଗ୍ରାମଟି ପଞ୍ଚାୟତରୁ ୫୦/୬୦ କିମି ଦୂର ହୋଇଥିବାରୁ ଏଠାକୁ ଚାଉଳ ନେବାକୁ ଆସି ଲୋକେ ହଇରାଣ ହେଉଥିଲେ। ଏହି ଖବର ଜିଲା ପରିଷଦ ଅଧ୍ୟକ୍ଷା ଟାଙ୍ଗଲ ଜାଣିବା ପରେ ସେ ଲୋକଙ୍କ ସମସ୍ୟା ଦୂର ପାଇଁ ବାୟାପଡା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସେ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରି ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକ କିପରି ଶୀଘ୍ର କାର୍ଯ୍ୟକାରୀ ହେବ ସେନେଇ ଆଲୋଚନା କରିଥିଲେ। ବାୟାପଡାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଏବଂ ବିଦ୍ୟାଳୟ ପରିଦର୍ଶନ ବେଳେ ଭଗ୍ନ ଅବସ୍ଥାରେ ଥିବା ବିଦ୍ୟାଳୟର ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷାଙ୍କ ଗସ୍ତ ସମୟରେ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ଏମ୍‌ପି ପ୍ରତିନିଧି ମଦନ ଖୋସଲା, ରଞ୍ଜନ ପାଙ୍ଗି, ସୋମନାଥ ବାରସେ ପ୍ରମୁଖ ଉପସ୍ଥିତ ଥିଲେ।








# ଶ୍ରମିକଙ୍କ ପାଇଁ ଦିନଟିଏ

କୋରାପୁଟ/ଜୟପୁର/ସୁନାବେଡା/ବୈପାରିଗୁଡା, ୨।୫ (ସ୍ୱ.ପ୍ର./ନି.ପ୍ର.)

କୋରାପୁଟ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ମଜଦୁର ସଂଘ କାର୍ଯ୍ୟାଳୟ ପରିସରରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ମହଲତ ସା ଅଧ୍ୟକ୍ଷତା କରି ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସୁବିଧା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ସିଭିଲ ଜଜ୍ ଜୁନିୟର ଡିଭିଜନ ରୁଦ୍ର ପ୍ରକାଶ ନାୟକ, ମାଜିଷ୍ଟ୍ରେଟ ତଥା ସିଭିଲ ଜଜ ସଞ୍ଜୀବ ପଣ୍ଡା ଉପସ୍ଥିତ ଥିଲେ । ଆଇନଜୀବୀ ଗୁପ୍ତ ପ୍ରସାଦ ପାଣିଗ୍ରାହୀ ପରିଚାଳନା କରିଥିଲେ।




...

ସେହିପରି ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଜୟପୁର ଟାଉନ ହଲଠାରେ ପାଳିତ ଏହି କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାନାଥ ସାମନ୍ତରାୟ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ପରିଚାଳନା କରିଥିଲେ । ଏହି ଅବସରରେ ୨ ଶହ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଆଇନରେ ୧୫୦ ଜଣ ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୭୧ ଜଣ ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକାଳୀନ ସହାୟତା, ୨୮୦୨ ଜଣଙ୍କୁ ଶିକ୍ଷା ସହାୟତା, ୮୫ ଜଣଙ୍କୁ ବିବାହ ସହାୟତା ଏବଂ ୬୪ ଜଣଙ୍କୁ ପ୍ରସବକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଜୟପୁର ମୋଟର ୱାର୍କର୍ସ ୟୁନିୟନ ପକ୍ଷରୁ ଜେଲ୍‌ରୋଡସ୍ଥିତ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଛି। ଏଠାରେ ବିଧାୟକ ବାହିନୀପତି, ପୌରାଧ୍ୟକ୍ଷ ଅତିଥି ରୂପେ ଉପସ୍ଥିତ ଥିଲେ।

କୋରାପୁଟ ଜିଲା ସୁନାବେଡ଼ା ହିନ୍ଦୁସ୍ଥାନ ଏରୋନଟିକ୍ସ ଏମ୍ପ୍ଲୟିଜ ଆସୋସିଏଶନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ରବିବାର ପାଳିତ ହୋଇଯାଇଛି। ସଭାପତି ଏ. ରାଜ ଶେଖର ରାଓ ସଂଘ ପତାକା ଉତ୍ତୋଳନ କରି ଶ୍ରମିକ ଆନ୍ଦୋଳନର ଇତିହାସ ଏବଂ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଚଏଇଏର ସାଧାରଣ ସମ୍ପାଦକ ଶିବାଜୀ କୁଅଁର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଶୋଭନ କୁମାର ଦାସ, ହର୍ଷାନନ୍ଦ ଚେଟ୍ଟି, ରଶ୍ମି ରଞ୍ଜନ ପାତ୍ର, ଲକ୍ଷ୍ମଣ ମୁଥାଇ, ସୁରଜ କୁମାର ଖାଡିଆ, ଦେବାଶିଷ ନାୟକ, ମନୋରଞ୍ଜନ ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଆଲୋକ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଶ୍ୱ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ନେତାଜୀ ରାଜମିସ୍ତ୍ରୀ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ କାହ୍ନୁଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ହୋଇ ଶ୍ରମିକମାନଙ୍କ ବିଭିନ୍ନ ସମାସ୍ୟା ଓ ଦାବି ଉପରେ ଆଲୋଚନ କରାଯାଇଥିଲା।

